


## ସଂକ୍ଷେପରେ

### ମିଳିତ କ୍ରିୟାନୁଷ୍ଠାନ କମିଟିରେ ସାମିଲ ହେବ ନୂତନ ଅଞ୍ଚଳ

**ବ୍ରହ୍ମପୁର ଅଫିସ,୩୦ା୧୨:** ବ୍ରହ୍ମପୁର ସହର ସନ୍ନିକଟ ଓ ପାଶ୍ୱର୍ବର୍ତ୍ତୀ ପଞ୍ଚାୟତ ଅନ୍ତର୍ଗତ ବ୍ରଜନଗର, ଶକ୍ତିନଗର, ଶ୍ରୀମା ନଗର, ଚୈତନ୍ୟ ନଗର, ଆଦିଶକ୍ତି ନଗର, ରାଜୀବନଗର, କାଲୁଆ ନଗର, ଗୋବିନ୍ଦ ବିହାର, ବସନ୍ତ ବିହାର, ରାମକୃଷ୍ଣ ନଗର, ଅମରାବତୀ ନଗର, ଖାରବେଳ ନଗର, ବାପୁଜୀ ନଗର, ମେଡ଼ିକାଲ୍-ବ୍ୟାଙ୍କ କଲୋନୀ, ବାସୁଦେବ ନଗର, ବିଜୟ ବିହାର, ହନୁମାନ ନଗର, ଗୌତମ ନଗର ଓ ନୀଳାଚଳ ନଗର ଉନ୍ନୟନ କମିଟି ଏବଂ ନିମଖଣ୍ଡି, ଲୋଚାପଡ଼ା ଓ ଭାବିନୀପୁର ପଞ୍ଚାୟତର ନାଗରିକ ପ୍ରତିନିଧିମାନଙ୍କୁ ନେଇ ଗଠିତ ସହରତଳି ଅଞ୍ଚଳ ମିଳିତ କ୍ରିୟାନୁଷ୍ଠାନ କମିଟିର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ସଭାପତି ସଞ୍ଜୀବ କୁମାର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବ୍ରଜନଗର ରାଧାକୃଷ୍ଣ ମନ୍ଦିରରେ ଏହା ଆୟୋଜିତ ହୋଇଥିଲା। ସହରତଳି ଅଞ୍ଚଳଗୁଡ଼ିକୁ ବ୍ରହ୍ମପୁର ମହାନଗର ନିଗମରେ ସାମିଲ କରି ଏକ ପୂର୍ଣ୍ଣାଙ୍ଗ ମହାନଗର ନିଗମ ଗଠନ, ସମସ୍ତ ଅଞ୍ଚଳକୁ ସମନ୍ୱିତ ବିକାଶ କରିବା ଲକ୍ଷ୍ୟ ନେଇ ଯେଉଁ ଆନ୍ଦୋଳନ ଆରମ୍ଭ ହୋଇଛି, ତାକୁ ଲକ୍ଷ୍ୟସ୍ଥଳରେ ପହଞ୍ଚାଇବା ପାଇଁ ବୈଠକରେ ଆଲୋଚନା କରାଯାଇଥିଲା। ବିଭିନ୍ନ ଅଞ୍ଚଳର ସକ୍ରିୟ ବ୍ୟକ୍ତିଙ୍କୁ ନେଇ ଏକ କୋର୍ କମିଟି ଗଠନ କରାଯିବ। ସମସ୍ତ ପ୍ରକାର ମୌଳିକ ସୁବିଧା ସୁଯୋଗରୁ ବଞ୍ଚିତ ଓ ନିଜର ନ୍ୟାଯ୍ୟଦାବି ଓ ଅଧିକାର ହାସଲ ପାଇଁ ଚାଲୁଥିବା ଏହି ଆନ୍ଦୋଳନରେ ଅନ୍ୟାନ୍ୟ ଅଞ୍ଚଳକୁ ସାମିଲ କରାଯିବ । ଧୈର୍ଯ୍ୟହରା ନ ହୋଇ ଆନ୍ଦୋଳନ ଜାରି ରଖିବାକୁ ନିଷ୍ପତ୍ତି ନିଆଯାଇଥିଲା।

ଆଜି କ'ଣ କେଉଁଠି ସ୍ତମ୍ଭରେ ଆପଣଙ୍କ ଅଞ୍ଚଳର କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

■ ତପ୍ତପାଣି ଘାଟିରେ ଦୁର୍ଘଟଣା

# ପିକ୍‌ନିକ୍ ବସ୍-ଅଟୋ ଧକ୍କା: ୨ ମୃତ

ଦିଗପହଣ୍ଡି/ପାଟପୁର,(ଡି.ଏନ୍.ଏ.)/ ବ୍ରହ୍ମପୁର ଅଫିସ,୩୦ା୧୨

ଗଞ୍ଜାମ ଜିଲା ଦିଗପହଣ୍ଡି-ରାୟଗଡା ମୁଖ୍ୟରାସ୍ତା ତପ୍ତପାଣି ଘାଟିରେ ରବିବାର ରାତି ପ୍ରାୟ ୭ଟାରେ ଏକ ପିକ୍‌ନିକ୍ ବସ୍ ଓ ଅଟୋ ମଧ୍ୟରେ ଦୁର୍ଘଟଣା ଘଟିଥିଲା। ଏଥିରେ ୨ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ୬ ଆହତ ହୋଇଛନ୍ତି। ମୃତକମାନେ ହେଲେ ଗଜପତି ଜିଲା ମୋହନା ଥାନା ଚାନ୍ଦିପୁଟ ନିକଟସ୍ଥ ଅକିଲି ଅଞ୍ଚଳର ବଜରଙ୍ଗ ବଣଷଣ୍ଡ ଓ ତାଙ୍କ ସମ୍ପର୍କୀୟ ସାବିତ୍ରୀ ବଣଷଣ୍ଡ। ଆହତମାନେ ହେଲେ ନାରାୟଣ ବଣଷଣ୍ଡ, ଅମ୍ବିକା ବଣଷଣ୍ଡ, ଆଶିଷ ବଣଷଣ୍ଡ, ପ୍ରଶାନ୍ତ ବଣଷଣ୍ଡ ପ୍ରମୁଖ। ସମସ୍ତ ଆହତମାନଙ୍କୁ ବ୍ରହ୍ମପୁର ବଡ ମେଡିକାଲରେ ଭର୍ତ୍ତି କରାଯାଇଛି। ପ୍ରକାଶ ଯେ, ଗଜପତି ଜିଲା ପାରଳାଖେମୁଣ୍ଡିରୁ ଭୁବନେଶ୍ୱର ଯାଉଥିବା ଏକ ପିକ୍‌ନିକ୍ ବସ୍ ନଂ.ଓଆର୦୫ଏଏନ୍-୬୬୫୬ ତପ୍ତପାଣି ଘାଟି ବେଲଗଡ ଗ୍ରାମ ନିକଟରେ ବିପରୀତ ଦିଗରୁ ଆସୁଥିବା ଅଟୋ ଉପରେ ମାଡି ଯାଇଥିଲା। ଅଟୋରେ ଥିବା ଯାତ୍ରୀମାନେ ଗୁରୁତର ଆହତ ହୋଇଥିଲେ। ସେମାନଙ୍କ ମଧ୍ୟରୁ ୮ଜଣଙ୍କ ଅବସ୍ଥା ଗୁରୁତର ଥିବାରୁ ବ୍ରହ୍ମପୁର ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ସାବିତ୍ରୀ ଓ ବଜରଙ୍ଗଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ପାଟପୁର ଆଇଆଇସି ରମେଶ କୁମାର ପ୍ରଧାନ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ଆହତମାନଙ୍କୁ ଉଦ୍ଧାର କରି ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପାତ୍ରପୁର ପୋଲିସ ଦୁର୍ଘଟଣାସ୍ତ ଗାଡି ୨ଟିକୁ ଜବତ କରି ତଦନ୍ତ ଚଳାଇଛି।


ଦୁର୍ଘଟଣାଗ୍ରସ୍ତ ଅଟୋ।

■ ସିରିଜ୍ ଏଟିଏମ୍ ଲୁଟ୍ ଘଟଣାକୁ ବିତିଲା ୬ ମାସ

# ଲୁଟେରାଙ୍କୁ ଧରିପାରୁନି ପୋଲିସ

ବ୍ରହ୍ମପୁର ଅଫିସ,୩୦ା୧୨

ବ୍ରହ୍ମପୁର ସହରରୁ ସିରିଜ୍ ଏଟିଏମ୍ ଟଙ୍କା ଲୁଟ୍ ଘଟଣାକୁ ୬ମାସ ବିତିଗଲାଣି। ହେଲେ ବ୍ରହ୍ମପୁର ପୋଲିସ ଏଯାବତ୍ ଲୁଟେରାଙ୍କୁ ଧରିବାରେ ସକ୍ଷମ ହୋଇପାରିନାହିଁ । ଅପରପକ୍ଷେ ଜୁଲାଇ ଏବଂ ଅଗଷ୍ଟ ମାସରେ ଢେଙ୍କାନାଳ ଏବଂ ରାଉରକେଲା ପୋଲିସ ଦ୍ୱାରା ଗିରଫ କରାଯାଇଥିବା ୧୩ ଆନ୍ତଃରାଜ୍ୟ ଏଟିଏମ୍ ଲୁଟେରାଙ୍କୁ ବ୍ରହ୍ମପୁର ଲୁଟ୍ ସହିତ ସମ୍ପର୍କ ଥିବା ଆଶଙ୍କା କରି ପୋଲିସ ରିମାଣ୍ଡ ପାଇଁ ଆବେଦନ କରି ଚୁପ୍ ବସିଛି।

ପ୍ରକାଶଯେ, ଜୁନ୍ ୨୫ତାରିଖ ବିଳମ୍ବିତ ରାତିରେ ସହରକୁ ଏକ ଲୁଟେରା ଦଳ ଆସି ଚତୁରତାର ସହ ଗ୍ୟାସ୍ କଟରରେ ୭ ଏଟିଏମ୍‌ରେ ପଶି ଟ୍ରେଲର୍ କାଟି ସମୁଦାୟ ୧୮ ଲକ୍ଷ ୮୫ ହଜାର ଟଙ୍କା ଲୁଟ୍ କରି ଫେରାର୍ ହୋଇଯାଇଥିଲେ । କେବଳ ବ୍ରହ୍ମପୁର ସହରରେ ରହିଥିବା ପାଞ୍ଚ ଏଟିଏମରୁ ୧୬ ଲକ୍ଷ ୮୫ ହଜାର ଟଙ୍କା ଲୁଟ୍ ହୋଇଥିବା ବେଳେ ସହର ବାହାରେ ୟୁନାଇଟେଡ୍ ବ୍ୟାଙ୍କର ଗୋଟିଏ ଏଟିଏମ୍‌ରୁ ୨ ଲକ୍ଷ ଟଙ୍କା ଲୁଟ୍ ହୋଇଯାଇଥିଲା । ସମସ୍ତ ଏଟିଏମ୍ ମୁଖ୍ୟ ରାସ୍ତା ପାର୍ଶ୍ୱରେ ଥିବା ବେଳେ ୬ ଏଟିଏମ୍ କେବଳ ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର ରହିଥିଲା। ସମସ୍ତ ଏଟିଏମ୍ ସୁରକ୍ଷା କର୍ମୀ ବିହୀନ ହୋଇଥିବାରୁ ପୂର୍ବରୁ ଲୁଟେରାଙ୍କ ଟାର୍ଗେଟ୍ ରହିଥିଲା ବୋଲି ଜଣାପଡିଛି । ବ୍ରହ୍ମପୁର ପୋଲିସ ଜିଲାର ବୈଦ୍ୟନାଥପୁର ଥାନାଞ୍ଚଳରୁ ୩, ଗୋପାଳପୁର ଥାନା ଅଧୀନରେ ଥିବା ୨ ଏବଂ ଗୋଷାଣୀନୂଆଗାଁ ଓ ଗୋଳନ୍ଥରା ଥାନା ଅଧୀନରେ ଥିବା ଗୋଟିଏ ଲେଖାଏ ଏଟିଏମ୍ କାଉଣ୍ଟରରୁ ଲୁଟେରା ଦଳ ଗ୍ୟାସ୍ କଟରରେ କାଟି ଟଙ୍କା ଲୁଟି ନେଇଥିଲେ। ସହରର ଖୋଡାସିଙ୍ଗି ଏଟିଏମରୁ ୪ଲକ୍ଷ ୧ ହଜାର ୬ଶହ ଟଙ୍କା, ଲାଞ୍ଜିପଲ୍ଲୀ ଏଟିଏମରୁ ୩ ଲକ୍ଷ ୯୬ ହଜାର ୪ ଶହ ଟଙ୍କା, ଆଙ୍କୁଲି ଏଟିଏମରୁ ୧ ଲକ୍ଷ ୩୮ ହଜାର ୬ଶହ ଟଙ୍କା, ଗୋଷାଣୀନୂଆଗାଁ ଥାନା ନିକଟରେ ଥିବା ଏଟିଏମରୁ ୨ ଲକ୍ଷ ୨୬ ହଜାର ଟଙ୍କା, ଗୋଳନ୍ଥରା ଥାନା ଅନ୍ତର୍ଗତ ହଳଦିଆପଦର ଏଟିଏମ କାଉଣ୍ଟରରୁ ୫ ଲକ୍ଷ ୨୨ ହଜାର ଟଙ୍କା ଏବଂ ଗୋପାଳପୁର ଥାନା ଅନ୍ତର୍ଗତ ପଥରା ଗ୍ରାମରେ ଥିବା ୟୁନାଇଟେଡ୍ ବ୍ୟାଙ୍କ ଏଟିଏମ୍ କାଉଣ୍ଟରରୁ ୨ଲକ୍ଷ ଟଙ୍କା ଲୁଟ୍ ହୋଇଥିବା ନେଇ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ପକ୍ଷରୁ ସମ୍ପୃକ୍ତ ଥାନାରେ ରିପୋର୍ଟ ହୋଇଥିଲା । ରିପୋର୍ଟକୁ ଭିତ୍ତି କରି ବୈଦ୍ୟନାଥପୁର ଥାନାରେ ନଂ ୧୩୩,୧୩୪,୧୩୫/୧୮, ଗୋଷାଣୀନୂଆଗାଁ ଥାନାରେ ନଂ. ୭୩/୧୮, ଗୋପାଳପୁର ଥାନାରେ ନଂ. ୭୨ ଓ ୭୩/୧୮ ଏବଂ ଗୋଳନ୍ଥରା ଥାନାରେ ନଂ. ୧୧୮/୧୮ରେ ପୃଥକ ପୃଥକ ସାତ ଗୋଟି ମାମଲା ରୁଜୁ କରାଯାଇଥିଲା। ହେଲେ ଅଦ୍ୟାବଧି ତଦନ୍ତରେ କୌଣସି ପ୍ରକାର ଉନ୍ନତି ଆସିନଥିବା ପରିଲକ୍ଷିତ ହୋଇଛି । ଲୁଟ୍ ପୂର୍ବରୁ ଲୁଟେରା ଦଳ ଏଟିଏମ୍ କାଉଣ୍ଟରରେ ସିସିଟିଭି ନଷ୍ଟ କରିଦେଇଥିବାରୁ ପୋଲିସ ପାଇଁ ସମସ୍ୟା ହୋଇଥିବା ବେଳେ ଢେଙ୍କାନାଳ ଓ ରାଉରକେଲା ପୋଲିସ ଦ୍ୱାରା ଗିରଫ ହୋଇଥିବା ଆନ୍ତଃରାଜ୍ୟ ଏଟିଏମ ଲୁଟେରାଙ୍କର ବ୍ରହ୍ମପୁର ସିରିଜ୍ ଏଟିଏମ ଲୁଟ୍ ସହିତ ସମ୍ପୃକ୍ତି ରହିଛି ବୋଲି ପୋଲିସ ସନ୍ଦେହ ପ୍ରକାଶ କରି ସେମାନଙ୍କୁ ରିମାଣ୍ଡରେ ଅଣାଯିବା ନେଇ ପ୍ରକ୍ରିୟା ଆରମ୍ଭ କରାଯାଇଥିବା ଏସ୍‌ପି ପିନାକ ମିଶ୍ର କହିଛନ୍ତି । ସେହିପରି ରିମାଣ୍ଡ ପ୍ରାର୍ଥନା କୋର୍ଟରେ ମଞ୍ଜୁର ହେବା ପରେ ସମ୍ପୃକ୍ତ ଲୁଟେରାଙ୍କୁ ବ୍ରହ୍ମପୁର ଅଣାଯାଇ ଜେରା କରିବା ପରେ ହିଁ ସମସ୍ତ ଘଟଣାର ପର୍ଦ୍ଦାଫାଶ ହେବବୋଲି ଏସ୍‌ପି ଜଣାଇଛନ୍ତି।

## ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା

ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍‌ଫି ଉଠାଇ bmpselfie@gmail.com ରେ ଆମର ସେଲ୍‌ଫି କର୍ନରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଳବରେ ସାମିଲ ହୁଅନ୍ତୁ।

## ସେଲ୍‌ଫି କର୍ନର


ପଦ୍ମା


କମଳାକାନ୍ତ

ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ | bmpselfie@gmail.com (ନିର୍ବାଚିତ ସେଲ୍‌ଫି ପ୍ରକାଶ ପାଇବ)

# 'ଲିଙ୍ଗଗତ ବିଭେଦତା, ସାମାଜିକ ବ୍ୟାଧି'

ବ୍ରହ୍ମପୁର ଅଫିସ,୩୦ା୧୨

ଗଞ୍ଜାମ ଜିଲା ପ୍ରଶାସନ ତରଫରୁ ଗତ ୨୪ତାରିଖରୁ ଆରମ୍ଭ ହୋଇଥିବା ବିଜୁ କନ୍ୟା ରତ୍ନ ସପ୍ତାହ ରବିବାର ଉଦ୍‌ଯାପିତ ହୋଇଯାଇଛି। ଉତ୍କଳ ବାଳାଶ୍ରମରେ ଉଦ୍‌ଯାପନୀ ଉତ୍ସବ ପାଳନ କରାଯାଇଥିଲା । ମୁଖ୍ୟଅତିଥି ଭାବେ ବ୍ରହ୍ମପୁର ଉପଜିଲାପାଳ ଦିଗନ୍ତ କୁମାର ରାଉତରାୟ କହିଥିଲେ ୨୦୧୬ ରେ ବିଜୁ କନ୍ୟା ରତ୍ନ ଯୋଜନା ଆରମ୍ଭ ହୋଇଥିଲା । ଏହି ଯୋଜନାର ଲକ୍ଷ୍ୟ ହାସଲ କରିବାକୁ ହେଲେ ସମସ୍ତ ସମ୍ପୃକ୍ତ ବିଭାଗ ଯଥା ସ୍ୱାସ୍ଥ୍ୟ, ଶିକ୍ଷା, ଶିଶୁ ସୁରକ୍ଷା, ପଞ୍ଚାୟତିରାଜ ଏବଂ ଅନ୍ୟାନ୍ୟ ବିଭାଗଗୁଡ଼ିକ ଉତ୍ତମ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବା ଆବଶ୍ୟକ। ତେବେ ଯାଇ ଲିଙ୍ଗଗତ ବୈଷ୍ୟମତା ଦୂର ହୋଇପାରିବ । ଗଞ୍ଜାମ ଜିଲାରେ ଲିଙ୍ଗଗତ ବୈଷ୍ୟମତା ଗୁରୁତର ଅବସ୍ଥାରେ ରହିଛି । ଏହା ସାମାଜିକ ବ୍ୟାଧି। ଏବେଠୁ ସଚେତନ ନ ହେଲେ ଆଗାମୀ ଦିନରେ ସମସ୍ୟା ଜଟିଳ ହେବ । ସରକାରଙ୍କ କୌଣସି ବିଭାଗ ନୁହଁ, ବରଂ ଘରୁ ହିଁ ସଚେତନତା ଆରମ୍ଭ ହେବା ଆବଶ୍ୟକ । ଘରେ ଝିଅ ଜନ୍ମ ହେଲେ, ଜେଜେ ମା' ଯଦି ସାହି ସାରା ବୁଲି ମିଠା ବାଣ୍ଟିବେ, ଖୁସି ପ୍ରକାଶ କରିବେ, ତେବେ ଯାଇଁ ଅନ୍ୟାନ୍ୟ ମହିଳାଙ୍କ ମାନସିକତା ବଦଳିବ ବୋଲି ସେ କହିଥିଲେ । ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ରମାରମଣ ପାଢୀ ଯୋଗଦେଇ କହିଥିଲେ, ଝିଅମାନଙ୍କୁ ଘରର ଲକ୍ଷ୍ମୀ ବୋଲି କୁହାଯାଉଛି । ତଥାପି ଝିଅ ଟିଏ ଜନ୍ମ ହେଲେ ଘରେ ଦୁଃଖ ଦେଖାଦିଏ । ଏଭଳି ମାନସିକତା ଦୂର ହେବା ଦରକାର ବୋଲି ସେ କହିଥିଲେ । ଅନ୍ୟତମ ସମ୍ମାନିତ ଅତିଥି ଭାବେ ଶିଶୁ କଲ୍ୟାଣ କମିଟି ସଦସ୍ୟ ହରିହର ପାଢୀ, ଜିଲା ସମାଜ ମଙ୍ଗଳ ଅଧିକାରୀ ମନୋରମା ରେଡ୍ଡୀ ଏବଂ ଚାଇଲ୍ଡ ଲାଇନ୍ ନିର୍ଦ୍ଦେଶକ ସୁଧୀର ସାବତ ପ୍ରମୁଖ ଯୋଗଦେଇ ଝିଅମାନେ ବଞ୍ଚିବା ପାଇଁ ସୁସ୍ଥ ବାତାବରଣ ଗଠନ, ସମସ୍ତଙ୍କ ଦାୟିତ୍ୱବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡିପିଏମ୍ ଶ୍ୟାମସୁନ୍ଦର ତ୍ରିପାଠୀ, ଏଡିଏମ୍‌ଓ (ପରିବାର କଲ୍ୟାଣ) ଡା. ସରୋଜିନୀ ଦେବୀ ଯୋଗଦେଇଥିଲେ । ବିଜୁ କନ୍ୟା ରତ୍ନ ଯୋଜନାର ଜିଲା ପ୍ରକଳ୍ପ ଅଧିକାରୀ ଶରତ ଚନ୍ଦ୍ର ମହାରଣା ଯୋଗଦେଇ ଯୋଜନାର ଲକ୍ଷ୍ୟ, ଉଦ୍ଦେଶ୍ୟ ଓ କାର୍ଯ୍ୟଶୈଳୀ ସମ୍ପର୍କରେ ସୂଚନା ଦେଇଥିଲେ । ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା କନ୍ୟା ରତ୍ନମାନଙ୍କୁ ଅତିଥିମାନେ ଏହି ଅବସରରେ ସମ୍ବର୍ଦ୍ଧିତ କରିଥିଲେ । ଆଇନ ଅଧିକାରୀ ସୁଦାମ ପାଣିଗ୍ରାହୀଙ୍କ ଦ୍ୱାରା ସମସ୍ତ ଅଂଶଗ୍ରହଣକାରୀଙ୍କୁ ସଂକଳ୍ପ କରାଯାଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ସୁଦାମ ପାଣିଗ୍ରାହୀ, ଶିବ ପ୍ରସାଦ ରଥ, ଉତ୍କଳ ବାଳାଶ୍ରମ ଅଧ୍ୟକ୍ଷା ସସ୍ମିତା ରାଣୀ ପାଢୀ ଓ ଅନ୍ୟମାନେ ପରିଚାଳନାରେ ସହଯୋଗ କରିଥିଲେ ।



ଜଣେ କନ୍ୟାରତ୍ନଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରୁଛନ୍ତି ।

### ବିଜୁ କନ୍ୟା ରତ୍ନ ସପ୍ତାହ ଉଦ୍‌ଯାପିତ

# ୪ରୁ ଜିଲା ସାଂସ୍କୃତିକ ମହୋତ୍ସବ

ବ୍ରହ୍ମପୁର ଅଫିସ,୩୦ା୧୨

ଆସନ୍ତା ୪ ଏବଂ ୫ ତାରିଖରେ ଉତ୍କଳ ଆଶ୍ରମ ମୁକ୍ତମଞ୍ଚରେ ଗଞ୍ଜାମ ଜିଲା ସାଂସ୍କୃତିକ ମହୋତ୍ସବ ଆରମ୍ଭ ହେବ । ଅନ୍ୱେଷା କଳାକେନ୍ଦ୍ର ଏବଂ ସଂସ୍କୃତି ଧର୍ମୀ ପତ୍ରିକା 'ଅଭିନୟ ଜଗତ'ର ମିଳିତ ସହଯୋଗରେ ଏହି ଉତ୍ସବ ଅନୁଷ୍ଠିତ ହେବ । ଏନେଇ ଏକ ପ୍ରସ୍ତୁତି ବୈଠକ ସ୍ଥାନୀୟ ହିଲ୍‌ପାଟଣା ଅନ୍ୱେଷା କଳାକେନ୍ଦ୍ରରେ ବସିଥିଲା। ଏଥିରେ ଇଂ.ଯାମିନୀକାନ୍ତ ଦାସ ଅଧ୍ୟକ୍ଷତା କରିଥିଲେ। ବ୍ରହ୍ମପୁରରେ ଖୋଲା ପଡ଼ିଆର ଅଭାବ ଯୋଗୁ ଉତ୍କଳ ଆଶ୍ରମରେ ଏହି ମହୋତ୍ସବ ଆୟୋଜନ ପାଇଁ ବାଧ୍ୟ ହୋଇଛୁ ବୋଲି ସଂଯୋଜକ ଡ. ମିହିର କୁମାର ତ୍ରିପାଠୀ କହିଥିଲେ । ଗଞ୍ଜାମର ଲୋକନାଟକ, ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନ ଦ୍ୱାରା ଲୋକନୃତ୍ୟ, ଓଡ଼ିଶୀ ନୃତ୍ୟ ଏବଂ ଭଞ୍ଜ ସଂଗୀତ, କବିସୂର୍ଯ୍ୟ ସଂଗୀତ ତଥା ଚମ୍ପୂ ଆଦିକୁ ପ୍ରାଧାନ୍ୟ ଦିଆଯିବ। ଏହି ପ୍ରସ୍ତୁତି ବୈଠକରେ ସଙ୍ଗୀତ ନିର୍ଦ୍ଦେଶକ ରାମ-ଲକ୍ଷ୍ମଣ, ଉଷାରାଣୀ ମହାପାତ୍ର, ରବୀନ୍ଦ୍ର କୁମାର ନାୟକ, ସୁଦୀପ ସାହୁ, ସୁବାସ ଚନ୍ଦ୍ର ପାତ୍ର, ଇଂ. ମନୋଜ ଦଣ୍ଡପାଟ, ଦୀପ୍ତିରଞ୍ଜନ ପାଢୀ, କୈଳାସ ପାଣିଗ୍ରାହୀ ଏବଂ ଅଶୋକ କୁମାର ବ୍ରହ୍ମା ପ୍ରମୁଖ ଉପସ୍ଥିତ ଥିଲେ ।






## ସଂକ୍ଷେପରେ

### ଗାଡି ଧକ୍କାରେ ବାଇକ୍ ଆରୋହୀ ମୃତ

**ବ୍ରହ୍ମପୁର ଅଫିସ,୩୦।୧୨:** ବ୍ରହ୍ମପୁର ହଳଦିଆପଦର ଖଜୁରିଆ ବ୍ରିଜ୍ ନିକଟରେ ଶନିବାର ବିଳମ୍ବିତ ରାତିରେ ଅଜଣା ଗାଡି ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ ଗୋଳନ୍ଥରା ଥାନା ମଦନମୋହନପୁର ଗ୍ରାମର ଲକ୍ଷ୍ମଣ ପ୍ରଧାନ (୨୨) । ଲକ୍ଷ୍ମଣ ଗୁଡ୍‌ସେଡ୍ ରୋଡ୍‌ର ଏକ ଦୋକାନରେ କାମ କରୁଥିବା ବେଳେ ଶନିବାର ବିଳମ୍ବିତ ରାତିରେ ବାଇକ ନଂ. ଓଆର୦୭ପି ୭୮୯୪ରେ ଘରକୁ ଫେରୁଥିଲେ । ଖଜୁରିଆ ବ୍ରିଜ୍ ନିକଟରେ କୌଣସି ଏକ ଅଜଣା ଗାଡି ଧକ୍କା ଦେବାରୁ ଲକ୍ଷ୍ମଣ ଭାରସାମ୍ୟ ହରାଇ ରାସ୍ତାରେ ପଡିଯାଇଥିଲେ । ଘଟଣା ସ୍ଥଳରେ ଟ୍ରାଫିକ୍ ପୋଲିସ ପହଞ୍ଚି ତାଙ୍କୁ ଉଦ୍ଧାର କରି ବଡ ମେଡିକାଲରେ ଭର୍ତ୍ତି କରିଥିଲା । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଏନେଇ ଟ୍ରାଫିକ ଥାନାରେ ନଂ. ୪୩/୧୮ରେ ଏକ ମାମଲା ରୁଜୁ ହୋଇଥିବା ସୁମନ୍ତ କିଶାନ୍ ସୂଚନା ଦେଇଛନ୍ତି ।

### ୱାର୍ଡ କମିଟି ବୈଠକ

**ପାରଳାଖେମୁଣ୍ଡି, ୩୦।୧୨ (ସ୍ୱ.ପ୍ର.):** ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡିସ୍ଥିତ ଗୁଣ୍ଡିଚାବାଡି ପଡିଆରେ ଜିଲା ବିଜେଡି ପକ୍ଷରୁ ୱାର୍ଡ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ପାରଳାଖେମୁଣ୍ଡି ନଗର ସଭାପତି ଜମିଦାର ପଟ୍ଟନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଜିଲା ସଂଯୋଜକ ଲବଣୀ ମହାନନ୍ଦ ଅତିଥିଭାବେ ଯୋଗଦେଇ ରାଜ୍ୟ ସରକାରଙ୍କ ସମସ୍ତ ବିକାଶ ଯୋଜନାକୁ ଲୋକଙ୍କ ପାଖରେ ପହଞ୍ଚାଇବାକୁ କର୍ମୀମାନଙ୍କୁ ପରାମର୍ଶ ଦେଇଥିଲେ। ତିତିଲି ବାତ୍ୟା ସମୟରେ ଲୋକମାନଙ୍କ ନିକଟରେ ଦଳୀୟ ନେତା ଓ କର୍ମୀ ପହଞ୍ଚି କିଭଳି ଉଦ୍ଧାର କାର୍ଯ୍ୟ କରିଥିଲେ ସେ ସମ୍ବନ୍ଧରେ ବୈଠକରେ ଆଲୋଚନା ହୋଇଥିଲା। ଜିଲା ସଭାପତି ପ୍ରଦୀପ କୁମାର ନାୟକ ବୈଠକରେ ଯୋଗଦେଇ ଦଳୀୟ କର୍ମୀଙ୍କୁ ଏକାଠି ହୋଇ ଲୋକଙ୍କ ହିତ ପାଇଁ କାମ କରିବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ବିଭିନ୍ନ ଶ୍ରମିକ କଲ୍ୟାଣ ଯୋଜନା, ସ୍ୱାସ୍ଥ୍ୟ ଯୋଜନା, ଜନଜାତି ବିକାଶ ଯୋଜନା, ଆହାର କେନ୍ଦ୍ର ସମ୍ବନ୍ଧରେ କର୍ମୀମାନଙ୍କୁ ଧାରଣା ଦିଆଯାଇଥିଲା। କାର୍ଯ୍ୟକ୍ରମରେ କେ.ନାରାୟଣ ରାଓ, ପି.କ୍ରିଷ୍ଣା, ଉପସଭାପତି ଲକ୍ଷ୍ମୀକାନ୍ତ ପରିଚ୍ଛା ପ୍ରମୁଖ ଉପସ୍ଥିତ ଥିଲେ।

**ଗଞ୍ଜାମ ଜିଲା ମହିଳା ବିଜେଡି କାର୍ଯ୍ୟକାରିଣୀ ବୈଠକ**

# ମହିଳାଙ୍କ ପାଇଁ ୩୩% ସ୍ଥାନ ସଂରକ୍ଷଣ ଦେଶରେ ଉଦାହରଣ

- ରାଜ୍ୟରେ ନାରୀ ସଶକ୍ତୀକରଣକୁ ନବୀନଙ୍କ ଗୁରୁତ୍ୱ
- ତୃଣମୂଳସ୍ତରରେ ସଂଗଠନକୁ ସୁଦୃଢ଼ ପାଇଁ ଆହ୍ୱାନ

**ବ୍ରହ୍ମପୁର ଅଫିସ,୩୦।୧୨**



ବୈଠକରେ ରାଜ୍ୟ, ଜିଲା ସଭାନେତ୍ରୀ ଏବଂ ଅନ୍ୟମାନେ ।

ଗଞ୍ଜାମ ଜିଲା ମହିଳା ବିଜେଡିର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ ରବିବାର ବ୍ରହ୍ମପୁରରେ ଅନୁଷ୍ଠିତ ହୋଇଯାଇଛି । ବିଜୁ ଜନତା ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଲୋକ ସଭା ଓ ବିଧାନସଭାରେ ମହିଳାଙ୍କ ପାଇଁ ୩୩ ପ୍ରତିଶତ ସ୍ଥାନ ସଂରକ୍ଷଣ ପାଇଁ ନେଇଥିବା ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସମଗ୍ର ଦେଶରେ ଉଦାହରଣ ସୃଷ୍ଟି କରିଛି । ଏହାକୁ କେନ୍ଦ୍ର ସରକାର ତୁରନ୍ତ ଆଇନରେ ପରିଣତ କରିବାକୁ ଦାବି କରାଯାଇଛି । ଡାଇମଣ୍ଡ ଜୁବୁଲି ଟାଉନ ହଲରେ ଆୟୋଜିତ ଏହି ମହିଳା କର୍ମୀ ସମାବେଶରେ ମନ୍ତ୍ରୀ ସୂର୍ଯ୍ୟ ନାରାୟଣ ପାତ୍ର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ମହିଳାଙ୍କୁ ସମସ୍ତ କ୍ଷେତ୍ରରେ ସଶକ୍ତୀକରଣ ପାଇଁ ଦଳ ଓ ମୁଖ୍ୟମନ୍ତ୍ରୀ ସର୍ବାଧିକ ଗୁରୁତ୍ୱ ଦେଇଥିବା ସେ ଦର୍ଶାଇଥିଲେ । ତେଣୁ ନେତ୍ରୀ ଓ କର୍ମୀମାନେ ଦଳର ସଂଗଠନକୁ ତୃଣମୂଳସ୍ତରରୁ ଅଧିକ ମଜଭୁତ କରିବା ଲାଗି ନିରନ୍ତର ପ୍ରୟାସ କରିବାକୁ ପାତ୍ର ପରାମର୍ଶ ଦେଇଥିଲେ ।

ମହିଳା ବିଜେଡି ଜିଲା ସଭାନେତ୍ରୀ ଆଇନଜୀବୀ ସଂଘମିତ୍ରା ଦଳାଇ ଅଧକ୍ଷତା କରିଥିବା ବେଳେ ରାଜ୍ୟ ସଭାନେତ୍ରୀ ଡ଼. ମିନତି ବେହେରା ଯୋଗଦେଇ ବିଜୁ ମହିଳା ଜନତା ଦଳକୁ ଅଧିକ ସଂଗଠିତ ଏବଂ କ୍ରିୟାଶୀଳ କରାଯିବା ଉପରେ ଗୁରୁତ୍ୱାରୋପ କରିଥିଲେ। ପ୍ରତ୍ୟେକ ବ୍ଲକ, ପଞ୍ଚାୟତ ଓ ୱାର୍ଡସ୍ତରରେ କମିଟି ଗଠନ କରିବାକୁ ସେ ଆହ୍ୱାନ ଦେଇଥିଲେ । ନାରୀ ସଶକ୍ତୀକରଣରେ ଓଡ଼ିଶା ଅଗ୍ରଣୀ ରାଜ୍ୟ ହୋଇଛି । ରାଜ୍ୟ ସରକାର ମହିଳାଙ୍କ ପାଇଁ ବହୁମୁଖୀ କଲ୍ୟାଣମୂଳକ ଯୋଜନା କରିଥିବାରୁ ନେତ୍ରୀ ଓ କର୍ମୀମାନେ ଏ ସମ୍ପର୍କରେ ଗାଁଗଣ୍ଡାରେ ମହିଳାଙ୍କୁ ସଚେତନ କରାଇ ବିଜେଡି ପ୍ରତି ଅଧିକ ସମର୍ଥନ ଯୋଗାଣ କରିବାକୁ ରାଜ୍ୟ ସଭାନେତ୍ରୀ ପରାମର୍ଶ ଦେଇଥିଲେ । ମହିଳାଙ୍କଠାରେ ଅଧିକ ଶକ୍ତି ରହିଥିବାରୁ ମୁଖ୍ୟମନ୍ତ୍ରୀ ନାରୀ ସଶକ୍ତୀକରଣ ଉପରେ ଗୁରୁତ୍ୱ ଦେଇଥିବା ମିନତି ସୂଚାଇଥିଲେ ।

ମନ୍ତ୍ରୀ ଉଷା ଦେବୀଙ୍କ ସମେତ ମହିଳା ବିଜେଡି, ରାଜ୍ୟ ସଂଗଠନ ନେତ୍ରୀ ଶ୍ରୀମୟୀ ମିଶ୍ର, କସ୍ତୁରୀ ମହାପାତ୍ର, ସଂଯୁକ୍ତା ମାହାଲିକ, ମମତା ବିଶୋୟୀ, ପୂର୍ବତନ ରାଜ୍ୟ ସଭା ଏମ୍‌ପି ରେଣୁବାଳା ପ୍ରଧାନ, ରାଜ୍ୟ ସମାଜ ମଙ୍ଗଳ ବୋର୍ଡ ଅଧକ୍ଷା ଲତିକା ପ୍ରଧାନ, ବିଧାୟିକା ନନ୍ଦିନୀ ଦେବୀ, ବ୍ରହ୍ମପୁର ମହାନଗର ନିଗମ ପୂର୍ବତନ ମେୟର କେ. ମାଧବୀ, ଜିଲା ପରିଷଦ ଉପାଧ୍ୟକ୍ଷା ସ୍ନେହଲତା ପଣ୍ଡା, ମହିଳା ସଂଗଠନ ଜିଲା ସାଧାରଣ ସମ୍ପାଦିକା ପି. ଆଶାରାଣୀ, ବରିଷ୍ଠ ନେତ୍ରୀ ଟି. ପ୍ରେମାଞ୍ଜଳି, ରାଜେଶ୍ୱରୀ ଦୋରା, ଜେ. ସୁଷମାରାଣୀ ଓ ରାଜ୍ୟ ସାଧାରଣ ସମ୍ପାଦିକା ଜ୍ୟୋତ୍ସ୍ନା ପାଢ଼ୀ ପ୍ରମୁଖ ସାଙ୍ଗଠନିକ ଆଲୋଚନାରେ ଭାଗ ନେଇଥିଲେ । ଜିଲାର ବିଭିନ୍ନ ସ୍ଥାନରୁ ଶହ ଶହ ମହିଳା କର୍ମୀ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ।

ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଚନ୍ଦ୍ରଶେଖର ସାହୁ, ବିଧାୟକ ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ଶ୍ରୀକାନ୍ତ ସାହୁ, ଦେବରାଜ ମହାନ୍ତି, ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ପ୍ରିୟାଂଶୁ ପ୍ରଧାନ, ଜିଲା ପରିଷଦ ଅଧକ୍ଷ ସୁବାସ ଚନ୍ଦ୍ର ବେହେରା, ରାଜ୍ୟ ଯୋଜନା ବୋର୍ଡ ସଦସ୍ୟ ରାମଚନ୍ଦ୍ର ପଣ୍ଡା ପ୍ରମୁଖ ମହିଳା କର୍ମୀଙ୍କୁ ମାର୍ଗଦର୍ଶନ ଦେଇଥିଲେ । ଜିଲା ସଭାନେତ୍ରୀ ସଂଘମିତ୍ରା ତାଙ୍କ ଅଭିଭାଷଣରେ ମହିଳାମାନଙ୍କୁ ସମାଜର ମୁଖ୍ୟ ସ୍ରୋତକୁ ଆଣି ସେମାନଙ୍କ ଆର୍ଥିକ, ସାମାଜିକ ଓ ରାଜନୈତିକ ଅଭିବୃଦ୍ଧି ନିମନ୍ତେ ବିଜେଡି ଯେଉଁ କାର୍ଯ୍ୟକ୍ରମ ଗ୍ରହଣ କରିଛି, ତାହା ଆଗାମୀ ଦିନରେ ଆହୁରି ବ୍ୟାପକ ହେବାର ଦର୍ଶାଇଥିଲେ । ନବୀନ ବାବୁ ପଞ୍ଚମଥର ମୁଖ୍ୟମନ୍ତ୍ରୀ ହୋଇ ରାଜ୍ୟବାସୀଙ୍କ ସେବା କରିବା ପାଇଁ ବୈଠକରେ ମତ ପ୍ରକାଶ ପାଇଥିଲା ।

## ରୋଭର୍ସ କ୍ଲବର ନୂତନ କର୍ମକର୍ତ୍ତା



ଅଧିବେଶନରେ ଉପସ୍ଥିତ କ୍ଲବର ସଦସ୍ୟମାନେ ।

**ବ୍ରହ୍ମପୁର ଅଫିସ,୩୦।୧୨**

ପୁରୁଣା ବସ୍‌ଷ୍ଟାଣ୍ଡ ରୋଭର୍ସ କ୍ଲବର ବାର୍ଷିକ ଅଧିବେଶନ ଧର୍ମନଗରସ୍ଥିତ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଥିଲା । ପ୍ରାରମ୍ଭରେ କ୍ଲବ ଉପଦେଷ୍ଟା ଶରତ ଚନ୍ଦ୍ର ତ୍ରିପାଠୀଙ୍କ ବିୟୋଗରେ ଶୋକ ପ୍ରକାଶ କରାଯାଇଥିଲା । ପରେ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା । ସଭାପତି ଭାବେ ପ୍ରକାଶ ଚନ୍ଦ୍ର ସାହୁ, ଉପସଭାପତି ଅତୁଲେନ୍ଦ୍ର ଦାସ, ସମ୍ପାଦକ ହୃଷୀକେଶ ମହାପାତ୍ର, କୋଷାଧ୍ୟକ୍ଷ କୃଷ୍ଣଚନ୍ଦ୍ର ପଟ୍ଟନାୟକଙ୍କୁ ମନୋନୀତ କରାଇଥିଲା । ବୈଠକରେ ଆସନ୍ତା ଫେବୃୟାରୀରେ ଅନୁଷ୍ଠିତ ହେବାକୁ ଥିବା ଆନ୍ତଃଜିଲା ଭଲିବଲ୍ ଟୁର୍ନାମେଣ୍ଟ ସମ୍ପର୍କରେ ଆଲୋଚନା କରାଯାଇଥିଲା ।

## ରୋଲାଣ୍ଡ କନିଷ୍ଠ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ



ବାର୍ଷିକ ଉତ୍ସବରେ ଉଦ୍‌ବୋଧନ ଦେଉଛନ୍ତି କୁଳପତି ରାଜେନ୍ଦ୍ର ପ୍ରସାଦ ଦାସ ।

**ବ୍ରହ୍ମପୁର ଅଫିସ,୩୦।୧୨**

ସ୍ଥାନୀୟ ଲାଞ୍ଜିପଲ୍ଲି ରୋଲାଣ୍ଡ କନିଷ୍ଠ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ 'ପ୍ରେରଣା-୨୦୧୮' ରବିବାର ସନ୍ଧ୍ୟାରେ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଅଧ୍ୟକ୍ଷ ଡ. ବନବିହାରୀ ପାଣିଗ୍ରାହୀ ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ରାଜେନ୍ଦ୍ର ପ୍ରସାଦ ଦାସ, ସମ୍ମାନିତ ଅତିଥି ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଉପସଚିବ ଡ. କୁଳମଣି ଓଝା ଯୋଗ ଦେଇଥିଲେ। ନିର୍ଦ୍ଦେଶିକା ଜେ.ଜୟଲକ୍ଷ୍ମୀ ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ଅତିଥିଙ୍କ ଦ୍ୱାରା 'ଦର୍ପଣ' ପତ୍ରିକା ଉନ୍ମୋଚିତ ହୋଇଥିଲା। ଚେୟାରମ୍ୟାନ୍ ଡା. ସୁରିୟା ରାଓ, ସମ୍ପାଦକ ଇଂ. ପ୍ରଶାନ୍ତ କୁମାର ପାତ୍ର ଏବଂ ନିର୍ଦ୍ଦେଶକ ଇ. ଶିବ ପ୍ରସାଦ ରାଓ ଅଭିଭାଷଣ ଦେଇଥିଲେ । ଅଧ୍ୟକ୍ଷ ଡ. ପାଣିଗ୍ରାହୀ ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ। ଉପାଧ୍ୟକ୍ଷ ସୋମନାଥ ମହାପାତ୍ର ଏବଂ ଅଧ୍ୟାପକ ଉମାକାନ୍ତ ମହାପାତ୍ରଙ୍କ ସମେତ ଅନ୍ୟାନ୍ୟ ଅଧାପିକା ଅଧାପକ ଏବଂ କର୍ମଚାରୀମାନେ ଏହାକୁ ପରିଚାଳନା କରିଥିଲେ। ଏହି ଉପଲକ୍ଷେ ଅଧାପିକା, ଅଧାପକ ଏବଂ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଅଧ୍ୟାପକ ଓ ଅଧ୍ୟାପିକାମାନଙ୍କ ଦ୍ୱାରା ପ୍ରଦର୍ଶିତ ନାଟକ 'ଶହୀଦ୍ ଜବାନଙ୍କ ସ୍ମୃତି' ବେଶ୍ ହୃଦୟସ୍ପର୍ଶୀ ହୋଇଥିଲା । ଶେଷରେ ଅଧ୍ୟାପକ ସୁକାନ୍ତ କୁମାର ବାଡ଼ତ୍ୟା ଧନ୍ୟବାଦ ଦେଇଥିଲେ ।

## ଜିରୋ ନାଇଟ୍ ବ୍ରହ୍ମପୁର ପୋଲିସର ସ୍ୱତନ୍ତ୍ର ପ୍ରହରା

**ବ୍ରହ୍ମପୁର ଅଫିସ,୩୦।୧୨**

ରେଶମ ସହର ବ୍ରହ୍ମପୁରରେ ୨୦୧୯ ନୂଆ ବର୍ଷ ଅବସରରେ ଜିରୋ ନାଇଟ୍ ଉତ୍ସବ ପାଳନ ନେଇ ପୋଲିସ ପକ୍ଷରୁ ସ୍ୱତନ୍ତ୍ର ପ୍ରହରା ଦିଆଯାଇଥିବା ଜଣାପଡିଛି। ଶାନ୍ତିଶୃଙ୍ଖଳା ନିୟନ୍ତ୍ରଣ ନେଇ ବ୍ରହ୍ମପୁର ଏସ୍‌ପି ପିନାକ ମିଶ୍ରଙ୍କ ନିର୍ଦ୍ଦେଶକ୍ରମେ ସମସ୍ତ ଥାନାକୁ ଆଲର୍ଟ କରିଦିଆଯାଇଛି' ବଙ୍ଗୋପସାଗର ବେଳାଭୂମି ଗୋପାଳପୁର ଏବଂ ସୁନାପୁରରେ ପର୍ଯ୍ୟଟକଙ୍କ ସୁରକ୍ଷା ନେଇ ବିଶେଷ ଗୁରୁତ୍ୱାରୋପ କରାଯାଇଥିବା ଅତିରିକ୍ତ ଏସ୍‌ପି ଶାନ୍ତନୁ ଦାସ ଓ ପ୍ରଭାତ ରାଉତରାୟ ସୂଚନା ଦେଇଛନ୍ତି । ସହରର ବିଭିନ୍ନ ସମ୍ପ୍ରଦାୟଙ୍କ ପକ୍ଷରୁ ଅନୁଷ୍ଠାନ, ଶିଳ୍ପାନୁଷ୍ଠାନ, ୟୁନିୟନ୍ କ୍ଲବ, ହୋଟେଲ ଭଳି ପ୍ରମୁଖ ସ୍ଥାନରେ ନୂଆ ବର୍ଷ ସ୍ୱାଗତ ନେଇ ଜିରୋ ନାଇଟ୍ ପାଳନ କରାଯାଉଥିବାରୁ ବ୍ୟାପକ ଜନସମାଗମ ହେବା ଜଣାପଡିଛି। ପୋଲିସ ପକ୍ଷରୁ ଟ୍ରାଫିକ୍ ନିୟନ୍ତ୍ରଣକୁ ବିଶେଷ ଦୃଷ୍ଟି ଦେବା ସଙ୍ଗେ ସଙ୍ଗେ ସୁରକ୍ଷା ନେଇ ମଧ୍ୟ ଗୁରୁତ୍ୱାରୋପ କରାଯାଇଛି । ସହରରେ୨ ଜଣ ଅତିରିକ୍ତ ଏସ୍‌ପି, ୫ ଡିଏସ୍‌ପି, ୧୨ ଇନ୍ସପେକ୍ଟର, ୨୫ ଏସଆଇ/ଏଏସଆଇ, ୨୦ ସେକ୍ସନ ଫୋର୍ସ ସହର ସାରା ପାଟ୍ରୋଲିଂ ପାଇଁ ମୁତୟନ ରହିବେ ବୋଲି ଜଣାଯାଇଛି । ସେହିପରି ଜଣେ ଡିଏସ୍‌ପି ର୍‍ୟାଙ୍କ୍ ଅଫିସର୍‌ଙ୍କ ତତ୍ତ୍ୱାବଧାନରେ ୮ ମୋବାଇଲ୍ ୟୁନିଟ୍ ପାଟ୍ରୋଲିଂ କରିବ ବୋଲି ସୂଚନା ଦିଆଯାଇଛି । ୩୦ ଡିସେମ୍ବର ସନ୍ଧ୍ୟାରେ ସମସ୍ତ ଥାନାଞ୍ଚଳରେ ପାଟ୍ରୋଲିଂ କଡାକଡି ଆରମ୍ଭ ହୋଇଯାଇଥିବା ବେଳେ ଡିସେମ୍ବର ୩୧ ଅପରାହ୍ନ ୪ଟା୩୦ରୁ ଭୋର ୩ଟା ଯାଏ ସାରା ସହର ପୋଲିସ ପ୍ରହରା ଦେବ ବୋଲି ସୂଚନା ଦିଆଯାଇଛି।

## ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ବାର୍ଷିକ ଉତ୍ସବ

**ପାରଳାଖେମୁଣ୍ଡି, ୩୦।୧୨ (ସ୍ୱ.ପ୍ର.)**

ପାରଳାଖେମୁଣ୍ଡିସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ବିଦ୍ୟାଳୟର ୨୮ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ସରୋଜ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବାର୍ଷିକ ଉତ୍ସବରେ ଗଜପତି ଜିଲାପାଳ ଅନୁପମ ଶାହା ମୁଖ୍ୟ ଅତିଥିଭାବେ ଉପସ୍ଥିତ ଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ମୁଖ୍ୟ ଅତିଥି ପୁରସ୍କୃତ କରିଥିଲେ। ଶେଷରେ ଛାତ୍ରୀଛାତ୍ରମାନେ ମନୋରମ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

## ନିମଖଣ୍ଡିରେ ଜନପରାମର୍ଶ ପଦଯାତ୍ରା

**ବ୍ରହ୍ମପୁର ଅଫିସ,୩୦।୧୨**

ଗୋପାଳପୁର ନିର୍ବାଚନ ମଣ୍ଡଳୀ ନିମଖଣ୍ଡି ମଣ୍ଡଳ ଭାଜପା ତରଫରୁ ଜନପରାମର୍ଶ ପଦଯାତ୍ରା ରବିବାର ଅନୁଷ୍ଠିତ ହୋଇଥିଲା। ମଣ୍ଡଳ ସଭାପତି ଶିବରାମ ପାତ୍ରଙ୍କ ନେତୃତ୍ୱରେ ରାଜ୍ୟ ସମ୍ପାଦକ ବିଭୂତି ଭୂଷଣ ଜେନା, ଜିଲା ସଭାପତି କାହ୍ନୁଚରଣ ପତି ଯୋଗଦେଇ ମୋଦି ସରକାରଙ୍କ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ଲୋକଙ୍କୁ କହିଥିଲେ। ଏଥି ସହ ରାଜ୍ୟରେ ଚାଲିଥିବା ଦୁର୍ନୀତି ବିଷୟରେ ଲୋକଙ୍କୁ ବୁଝାଇଥିଲେ। ଯାତ୍ରାକୁ ଜିଲା ପରିଷଦ ସଭ୍ୟ ଏମ୍. ମୋହନ ଦାସଙ୍କୁ ଲୋକମାନେ ବିଭିନ୍ନ ଯୋଜନାରେ ହେଉଥିବା ଦୁର୍ନୀତି ସମ୍ପର୍କରେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ସାଧାରଣ ସମ୍ପାଦକ ରାଜେଶ ସାହୁ, ବିନୋଦ ମିଶ୍ର, ରାମ ସାମଲ, ରଜତ ପଣ୍ଡିତ, ସନାତନ ନାୟକ, ସୂର୍ଯ୍ୟମଣୀ ପାତ୍ର, ଏଲ୍. ଲକ୍ଷ୍ମଣ, ଚନ୍ଦ୍ରଶେଖର, ଯୁଧିଷ୍ଠିର ନାୟକ, ପ୍ରଦୀପ ପଟ୍ଟନାୟକ ଓ ବାବୁଲା ସାହୁଙ୍କ ସମେତ ବହୁ ଭାଜପା କର୍ମୀ ଭାଗ ନେଇଥିଲେ ।



ଭାଜପା ନେତାମାନେ ଜନପରାମର୍ଶ ପଦଯାତ୍ରାରେ ବୁଲୁଛନ୍ତି ।

## ଶ୍ରୀମନ୍ଦିର ବିଭ୍ରାଟ, ଓଡ଼ିଶା ପାଇଁ ଲଜ୍ଜା

**ବ୍ରହ୍ମପୁର ଅଫିସ,୩୦।୧୨**

ବିଶ୍ୱହିନ୍ଦୁ ପରିଷଦର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ରବିବାର କୋର୍ଟପେଟାସ୍ଥିତ ସଂଗଠନର କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକାରୀ ସଭାପତି ଡ. ଭବାନୀ ଶଙ୍କର ଦାଶ ଏଥିରେ ଅଧ୍ୟକ୍ଷତା କରିଥିଲେ। ଗତ ଦୁଇ ଦିନ ହେଲା ଶ୍ରୀ ମନ୍ଦିରର ନୀତିକାନ୍ତିରେ ଦେଖା ଦେଇଥିବା ବିଭ୍ରାଟ ଏବଂ ତ୍ରୁଟିପୂର୍ଣ୍ଣ ପରିଚାଳନା ସମ୍ପର୍କରେ ଆଲୋଚନା କରାଯାଇଥିଲା । ମୁଖ୍ୟବକ୍ତା ପରିଷଦ ଓଡ଼ିଶା ପୂର୍ବପ୍ରାନ୍ତ ସହସମ୍ପାଦକ ପ୍ରିୟନାଥ ଶର୍ମା ଯୋଗଦେଇ କହିଥିଲେ, ଶ୍ରୀମନ୍ଦିରରେ ଯେଉଁ ବିଭ୍ରାଟ ଦେଖାଦେଇଛି, ତାହା ଓଡ଼ିଶା ପାଇଁ ଲଜ୍ଜା । ଏହି ଘଟଣା ରାଜ୍ୟ ସରକାରଙ୍କ ହିନ୍ଦୁ ବିରୋଧୀ ମାନସିକତାର ପରିଚୟ। ପ୍ରତିବାଦରେ ଆଗାମୀ ଦିନରେ ପରିଷଦ ତରଫରୁ ଆନ୍ଦୋଳନ କରାଯିବ ବୋଲି ସେ ଚେତାବନୀ ଦେଇଥିଲେ। କାର୍ଯ୍ୟକାରୀ ସଭାପତି ଡ. ଦାଶ କହିଥିଲେ, ବିଜେଡ଼ି ସରକାର ହିନ୍ଦୁମାନଙ୍କ ଆସ୍ଥାକୁ ବାରମ୍ବାର କୁଠାରାଘାତ କରିଛନ୍ତି । ସନ୍ଥ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ହତ୍ୟାକାରୀ ବର୍ତ୍ତମାନ ଯାଏ ଧରାପଡ଼ି ନାହାନ୍ତି । ଅନ୍ୟପଟେ ବାରମ୍ବାର ଶ୍ରୀମନ୍ଦିରରେ ବିଭ୍ରାଟ ଦେଖାଦେଉଛି । ଆଗାମୀ ଦିନରେ ଗାଁ ଗାଁରେ ଜନଜାଗରଣ କରାଯିବ ବୋଲି ସେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମହାନଗର ସଭାପତି ତ୍ରିନାଥ ପଣ୍ଡା, ଜିଲା ସହସମ୍ପାଦକ ଅନନ୍ତ ନାରାୟଣ ମହାନ୍ତି, ବଜରଙ୍ଗ ଦଳ ମହାନଗର ସଂଯୋଜକ ନୀଳାଞ୍ଚଳ ବିଷୋୟୀ, କିରଣ ଲେଙ୍କା, ସନ୍ତୋଷ ସାମଲ, ବାବୁ ମଣ୍ଡଳ ଓ ହୀନ ଲେଙ୍କାଙ୍କ ସମେତ ବହୁ କର୍ମକର୍ତ୍ତା ଯୋଗଦେଇଥିଲେ ।


ବୈଠକରେ ଯୋଗଦେଇଥିବା ବିଶ୍ୱ ହିନ୍ଦୁ ପରିଷଦ କର୍ମକର୍ତ୍ତାମାନେ ।

ଧରିତ୍ରୀ
DHARITRI



## ସଂକ୍ଷେପରେ

### ସରକାରୀ ଜମିରେ ଗଞ୍ଜେଇ ଚାଷ

**୬୦ କୋଟିର ଗଞ୍ଜେଇ ଚାଷ ନଷ୍ଟ**

**ବାଲିଗୁଡ଼ା,୩୦।୧୨(ଡି.ଏନ୍.ଏ.):** ବାଲିଗୁଡ଼ା ଥାନା ସୁଡ୍ରା ପଞ୍ଚାୟତର ବିଭିନ୍ନ ସ୍ଥାନରେ ରବିବାର ପୋଲିସ ଓ ଅବକାରୀ ବିଭାଗ ମିଳିତ ଭାବେ ଚଢ଼ାଉ କରି ୧୫୦ ଏକର ଜମିରେ ହୋଇଥିବା ୬୦ କୋଟି ଟଙ୍କାର ଗଞ୍ଜେଇ ଚାଷ ନଷ୍ଟ କରାଯାଇଛି। ଏ ନେଇ ବାଲିଗୁଡ଼ା ଏସ୍‌ଡିପିଓ ନିତିନ କୁଶଲକର ଦାଗୁଡୁଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ୍ ସୁଡ୍ରା ପଞ୍ଚାୟତର ବିଭିନ୍ନ ସରକାରୀ ଜମିରେ ହୋଇଥିବା ଗଞ୍ଜେଇ ଚାଷ ଜମିକୁ ନିଆଁ ଲଗାଇ ନଷ୍ଟ କଯାଇଛି। ଏହି ଚଢ଼ାଉରେ ବାଲିଗୁଡ଼ା ଥାନା ଡିଏସ୍‌ପି, ଆଇଆଇସି, ଅବକାରୀ ବିଭାଗର ସାମିଲ ଥିଲେ। ପୂର୍ବରୁ ୩୫୫ ଏକର ଗଞ୍ଜେଇ ଚାଷ ଜମିକୁ ନଷ୍ଟ କରାଯାଇଥିଲା ,ସମଗ୍ର କନ୍ଧମାଳ ଜିଲାରେ ଗଞ୍ଜେଇ ଚାଷକୁ ମୂଳୋତ୍ପାଟନ କରିବାକୁ ଚେଷ୍ଟା ଜାରି ରହିଛି ବୋଲି ଏସ୍‌ଡିପିଓ ନିତିଶ କୁଶଲକର ଦାଗୁଡୁ ପ୍ରକାଶ କରିଛନ୍ତି।

### ମଦ ଜବତ, ଜଣେ ଗିରଫ

**ରାଇକିଆ,୩୦।୧୨(ଡି.ଏନ୍.ଏ.):** ରାଇକିଆ ଥାନା ବାଜାଂମାହା ଗ୍ରାମରେ ରବିବାର ଚୋରା ମଦ ବିକ୍ରି ଅଭିଯୋଗରେ ପୋଲିସ ଜଣଙ୍କୁ ଗିରଫ କରିଛି। ସେ ହେଲେ ନିଶାନନ୍ଦ ପ୍ରଧାନଙ୍କ। ତାଙ୍କଠାରୁ ୩୦ ଲିଟର ମହୁଲି ମଦ ସହ ଏକ ବନ୍ଧୁକ ଜବତ କରାଯାଇଛି। ଏ ନେଇ ପୋଲିସ ରାଇକିଆରେ ନଂ.୧୦୭/୧୮ରେ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ନରେଶ ସାହୁ କହିଛନ୍ତି।

### ପୋଲିସ ଏନ୍‌କାଉଣ୍ଟରରେ ଆହତ ଜୟ୍‌ଙ୍କୁ କୋର୍ଟଚାଲାଣ

**ଦିଗପହଣ୍ଡି,୩୦।୧୨(ଡି.ଏନ.ଏ.):** ଦିଗପହଣ୍ଡି ପୋଲିସର ଏନ୍‌କାଉଣ୍ଟରରେ ଗୁରୁତର ଜୟ୍ ପ୍ରଧାନ ସୁସ୍ଥ ହେବା ପରେ ଶନିବାର ସନ୍ଧ୍ୟାରେ କୋର୍ଟଚାଲାଣ କରାଯାଇଛି। ଏ ନେଇ ନଂ ୨୨୮/୧୮ରେ ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତଙ୍କୁ ଦିଗପହଣ୍ଡି ସବଜେଲ ହାଜତକୁ ପଠାଇ ଦିଆଯାଇଛି। ମୋଷ୍ଟ ୱାଣ୍ଟେଡ ଜୟ୍ ୨୧ ତାରିଖ ଭୋରରେ ଧେରେଣ୍ଡି ଗ୍ରାମ ନିକଟରେ ଥିବା ପୋଲିସ ଜାଣି ଉଭୟଙ୍କ ମଧ୍ୟରେ ଗୁଳି ଚାଳନା ହୋଇଥିଲା। ପୋଲିସର ପାଲଟା ଗୁଳିରେ ଜୟ୍ ଗୁରୁତର ଆହତ ହେବା ସହ ଆଇଆଇସି ଦେବାଶିଷ ମହାନ୍ତିଙ୍କ ସମେତ ୫ ପୋଲିସ କର୍ମଚାରୀ ଆହତ ହୋଇଥିଲେ। ଜୟ୍‌ଙ୍କ ସହଯୋଗୀ ଅମିତ ଦାସ ଖସି ପଳାଇଥିଲେ। ଅମିତଙ୍କୁ ଗୁରୁବାର ଗିରଫ କରି ପୋଲିସ କୋର୍ଟଚାଲାଣ କରିଥିବା ବେଳେ ଜୟ୍ ଓ ଅମିତଙ୍କୁ ରିମାଣ୍ଡରେ ଆଣିବା ପାଇଁ ଦିଗପହଣ୍ଡି ପୋଲିସ କୋର୍ଟରେ ଆବେଦନ କରିବ ବୋଲି ଚିକିଟି ଏସଡିପିଓ ପ୍ରକାଶ ଚନ୍ଦ୍ର ଜେନା କହିଛନ୍ତି।

### ଏଟିଏମ୍ ଲୁଟେରା ଗିରଫ



**ବାଲିଗୁଡ଼ା,୩୦।୧୨(ଡି.ଏନ୍.ଏ.):** ବାଲିଗୁଡ଼ା ଉପଖଣ୍ଡ କ.ନୂଆଗାଁ ବ୍ଲକର ସାରଙ୍ଗଗଡ଼ ଥାନା ଅଞ୍ଚଳରୁ ଏକ ଏଟିଏମ୍ ଲୁଟେରାକୁ ରବିବାର ପୋଲିସ ପାବୁରିଆରୁ ଗିରଫ କରିଛି। ସେ ହେଲେ ଶଙ୍କରାଖୋଲ ମୁଣ୍ଡା ସାହିର ପ୍ରଭାକର ପ୍ରଧାନ। ତାଙ୍କଠାରୁ ୧୪ଟି ଏଟିଏମ୍ କାର୍ଡ ସହ ୧୦ ହଜାର ଟଙ୍କା ଜବତ କରି ତଦନ୍ତ ଜାରି ରଖାଯାଇଥିବା ସାରଙ୍ଗଗଡ଼ ଥାନାଅଧିକାରୀ ସମୀର ରାଉତ କହିଛନ୍ତି। ପ୍ରଭାକର ଗଞ୍ଜାମ ଓ କନ୍ଧମାଳ ଜିଲାର ବିଭିନ୍ନ ଅଞ୍ଚଳରେ ଏଟିଏମ୍ ଲୁଟ କରିଥିବାରୁ ବ୍ରହ୍ମପୁର, ସାରଙ୍ଗଗଡ଼, ଖଜୁରିପଡ଼ା ଭଳି ବିଭିନ୍ନ ଥାନାରେ ତାଙ୍କ ନାଁରେ ମାମଲା ରୁଜୁ ହୋଇଥିଲା। ଏ ନେଇ ପୂର୍ବରୁ ୪ମାସ ଜେଲ ଦଣ୍ଡ ମଧ୍ୟ ହୋଇଥିଲା। ଜେଲରୁ ଫେରି ପୁଣି ସେହି କାରନାମା କରିବାରୁ ସାରଙ୍ଗଗଡ଼ ପୋଲିସ ଏକ ଟିମ୍ ଗଠନ କରି ମୋବାଇଲ ଟ୍ରାକିଂ ଜରିଆରେ ତାଙ୍କୁ ଗିରଫ କରି ପଚରାଉଚୁରା ଜାରି ରଖିଛି।

# ରାଇକିଆ, ଶଙ୍କରାଖୋଲରେ ତୁଷାରପାତ





ରାଇକିଆ ଓ ଶଙ୍କରାଖୋଲରେ ହୋଇଥିବା ତୁଷାରପାତ।

**ଶଙ୍କରାଖୋଲ/ରାଇକିଆ,୩୦।୧୨(ଡି.ଏନ.ଏ)**

କନ୍ଧମାଳ ଜିଲା ରାଇକିଆ ଓ ଶଙ୍କରାଖୋଲ ଅଞ୍ଚଳରେ ରବିବାର ପ୍ରଥମଥର ପାଇଁ ତୁଷାରପାତ ହୋଇଛି। ତାପମାତ୍ରା ୨ଡିଗ୍ରୀ ତଳେ ରହିଥିବା ଅନୁମାନ କରାଯାଉଛି। ରବିବାର ସକାଳୁ ବିଭିନ୍ନ ଚାଳଛପର ଘର ଓ ବାହାରେ ଥିବା କାର ଉପରେ ଧଳା ବରଫର ଆସ୍ତରଣ ଦେଖିବାକୁ ମିଳିଥିଲା। ବିଶେଷ କରି ମାଣିକେଶ୍ୱର, ଗୁମାମାହା, ମଣ୍ଡାକିଆ, ସୁଗଡବାଡ଼ି, ଦଡିଙ୍ଗିଆ ଭଳି ଗ୍ରାମାଞ୍ଚଳରେ ଅଧିକ ତୁଷାରପାତ ହୋଇଥିବା ସୂଚନା ମିଳିଛି। ଶୀତ ଦାଉରୁ ଲୋକେ ଅପରାହ୍ନରେ ଘରୁ ବାହାରି ପାରୁନାହାନ୍ତି।

ସେହିପରି ଚକାପାଦ ଓ ଟିକାବାଲି ବ୍ଲକର ବିଭିନ୍ନ ସ୍ଥାନରେ ରବିବାର ସକାଳେ ତୁଷାରପାତ ହୋଇଛି। ଚକାପାଦ ବ୍ଲକ ଶଙ୍କରାଖୋଲ ନିକଟ ଟପଡିଙ୍ଗିଆ ଗ୍ରାମରେ ଏବଂ ଟିକାବାଲି ବ୍ଲକ ଗୁଟିଙ୍ଗିଆ ଗ୍ରାମ ମଶାଣି ନିକଟ ବିଲମାଳରେ ଥିବା ପାଳ ଉପରେ ସକାଳୁ ତୁଷାରପାତ ହୋଇଥିବା ଦେଖିବାକୁ ମିଳିଥିଲା। ଅପରାହ୍ନ ୩ଟାରୁ ସକାଳ ୯ଟା ପର୍ଯ୍ୟନ୍ତ ଘରୁ ବାହାରିବା ମୁସ୍କିଲ ହୋଇ ପଡୁଛି। ଶୀତରୁ ରକ୍ଷା ପାଇବାକୁ ଲୋକେ ବିଭିନ୍ନ ସ୍ଥାନରେ ନିଆଁ ଜାଳି ବସୁଥିବା ଦେଖିବାକୁ ମିଳୁଛି।

**■ ଖଣ୍ଡାରେ ହାଣି ଯୁବକଙ୍କୁ ହତ୍ୟା ଘଟଣା**

## ସାଇଣ୍ଟିଫିକ୍ ଟିମ୍‌ର ତଦନ୍ତ ଆରମ୍ଭ

**ବୁଗୁଡ଼ା,୩୦।୧୨(ଡି.ଏନ.ଏ.)**

**ହତ୍ୟାକାରୀଙ୍କ ଟେର୍ ପାଉନି ପୋଲିସ**



ସାଇଣ୍ଟିଫିକ୍ ଟିମ ତଦନ୍ତ କରୁଛନ୍ତି।

ବୁଗୁଡ଼ା ଥାନା ଗୋଲିଆ ବଡ଼ସାହିରେ ଶନିବାର ରାତି ପ୍ରାୟ ୯ଟାରେ ମୀନକେତନ ସାମଲଙ୍କୁ ହତ୍ୟା କରାଯାଇଥିଲା। ଘଟଣାର ୨୪ ଘଣ୍ଟା ବିତି ଯାଇଥିଲେ ମଧ୍ୟ ପୋଲିସ ହତ୍ୟାକାରୀଙ୍କୁ ଗିରଫ କରିପାରିନାହିଁ। ମୃତକ ମୀନକେତନଙ୍କ ପୁଅ ବିକାଶ ବୁଗୁଡ଼ା ଥାନାରେ ଏତଲା ଦେବାପରେ ପୋଲିସ ନଂ.୩୧୩/୧୮ରେ ଏକ ହତ୍ୟାମାମଲା ରୁଜୁ କରି ତଦନ୍ତ ଚଳାଇଛି। ରବିବାର ଛତ୍ରପୁରରୁ ସାଇଣ୍ଟିଫିକ ଟିମ୍ ଆସି ବଡ଼ସାହିର କୋଠଘରେ ପହଞ୍ଚି ତଦନ୍ତ ଚଳାଇଛି। ବିକାଶ ସାମଲଙ୍କ ଅଭିଯୋଗ ଅନୁଯାୟୀ ତାଙ୍କ ବାପା ସନ୍ଧ୍ୟାରେ ଗୋଲିଆ ବଡ଼ସାହିରେ ଥିବା କୋଠଘରକୁ ପୂଜା କରିବାକୁ ଯାଇଥିଲେ। ସେଠାରେ ରାମ ଦଳେଇ ତାଙ୍କ ବାପାଙ୍କୁ କାତିରେ ହାଣିବାରୁ ତାଙ୍କର ମୃତ୍ୟୁ ହୋଇଥିଲା। ଅଭିଯୁକ୍ତଙ୍କୁ ଧରିବା ପରେ ହତ୍ୟାକାଣ୍ଡର କାରଣ ଜଣାପଡ଼ିବ ବୋଲି ପୋଲିସ କହୁଥିବା ବେଳେ, କେତେଜଣ ଗ୍ରାମବାସୀ ଠିକାଶ୍ରମିକ ମିନକେତନଙ୍କ ଠାରୁ ବକେୟା ଅର୍ଥ ପାଇବାକୁ ନେଇ ହତ୍ୟାକାଣ୍ଡ ଘଟିଥିବା ଅନୁମାନ କରାଯାଉଛି ବୋଲି କହିଥିଲେ। ମୀନକେତନ ବମ୍ବେରେ ଠିକାଶ୍ରମିକ ଭାବେ ରାମ ଦଳେଇଙ୍କୁ କାମରେ ନିୟୋଜିତ କରିଥିଲେ। ଅର୍ଥ ପ୍ରଦାନ ନେଇ ଉଭୟଙ୍କ ମଧ୍ୟରେ ଗଣ୍ଡଗୋଳ ଘଟିଥିଲା।

### ପୃଥକ୍ ଦୁର୍ଘଟଣାରେ ୨ ମୃତ

**ରାୟଗଡ଼ (ଗଜପତି), ୩୦।୧୨ (ଡି.ଏନ୍.ଏ.)**

ରାୟଗଡ଼ ବ୍ଲକରେ ପୃଥକ ଦୁର୍ଘଟଣାରେ ରବିବାର ୨ଜଣଙ୍କ ମୃତ୍ୟୁ ଘଟିବା ସହ ୨ ଜଣ ଗୁରୁତର ହୋଇଛନ୍ତି। ଗୁରୁତରମାନଙ୍କୁ ଗଜପତି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ଗଜପତି ଜିଲା ରାୟଗଡ଼ ଥାନା ଅଧୀନ ଲାଞ୍ଜିପଦର ଛକ ନିକଟରେ ଏକ ବାଇକ ଦୁର୍ଘଟଣାରେ ଗାରାବନ୍ଧ ଥାନା ଅଧୀନ ଅମର ସିଂ ଗ୍ରାମର ସିଦ୍ଧେଶ୍ୱର ଶବର(୨୩)ଙ୍କର ମୃତ୍ୟୁ ହୋଇଥିଲା।। ସେହିଭଳି ଗଜପତି ଜିଲା ଗାରାବନ୍ଧ ଥାନା ଅଧୀନ କଇଁପୁର ପଞ୍ଚାୟତ ତୁମ୍ବ ଗ୍ରାମରେ ସାଇକେଲରୁ ପଡି ଜଣଙ୍କର ମୃତ୍ୟୁ ହୋଇଛି। ମୃତକ ଜଣଙ୍କ ଉକ୍ତ ଗ୍ରାମର କରୁଣା ମଣ୍ଡଳ। କରୁଣା ରବିବାର ଅପରାହ୍ନରେ ସାଇକେଲ ଯୋଗେ ଯାଉଥିବା ବେଳେ ଗାଁ ନିକଟ ଏକ ଗଡାଣି ରାସ୍ତାରେ ପଡିଯିବାରୁ ତାଙ୍କ ମୁଣ୍ଡରେ ଆଘାତ ଲଗିଥିଲା। ପରେ ମେଡିକାଲରେ ତାଙ୍କର ମୃତ୍ୟୁ ହୋଇଥିଲା।

## ପୂର୍ବ ଶତ୍ରୁତାରୁ ଆକ୍ରମଣ:ଯୁବକଙ୍କ ଜିଭ କାଟିଦେଲେ

**ଖଲ୍ଲିକୋଟ,୩୦।୧୨(ଡି.ଏନ୍.ଏ.)**



ଆହତ ଗଣେଶ।

ଗଞ୍ଜାମ ଜିଲା ଖଲ୍ଲିକୋଟ ଥାନା ନିର୍ମଳଝର ଛକରେ ରବିବାର ରାତିରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି କେତେଜଣ ଦୁର୍ବୃତ୍ତ ଜଣେ ଯୁବକଙ୍କୁ ଆକ୍ରମଣ କରି ମାଡ଼ ମାରିବା ସହ ତାଙ୍କ ଜିଭ କାଟି ଦେଇଛନ୍ତି। ସେ ହେଲେ ବଧିନୂଆପଲ୍ଲି ପଞ୍ଚାୟତ ବରପଦର ଗ୍ରାମର ଗଣେଶ ବେହେରା ଓରଫ ମିଟୁ (୪୦)। ପ୍ରକାଶ ଯେ, ଗଣେଶ କୌଣସି କାମରେ ରବିବାର ଖଲ୍ଲିକୋଟକୁ ଆସି ରାତିରେ ଘରକୁ ଫେରୁଥିଲେ। ଏହି ସମୟରେ କେତେକ ଦୁର୍ବୃତ୍ତ ତାଙ୍କୁ ଅଟକାଇ ମାଡ଼ ମାରିବା ସହ ଜବରଦସ୍ତ ତାଙ୍କ ଜିଭ କାଟି ଫେରାର୍ ହୋଇଯାଇଛନ୍ତି। ଗଣେଶ ରାସ୍ତାରେ ପଡ଼ି ଛଟପଟ ହେଉଥିବା ବେଳେ ସ୍ଥାନୀୟ ଲୋକେ ତାଙ୍କୁ ପ୍ରଥମେ ଖଲ୍ଲିକୋଟ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲ ପଠାଇ ଦିଆଯାଇଛି। ଏ ନେଇ ଖଲ୍ଲିକୋଟ ଥାନାରେ ଅଭିଯୋଗ ହୋଇଥିବା ଜଣାପଡ଼ିଛି। ଖବର ଲେଖା ହେବା ସୁଦ୍ଧା ଅଭିଯୁକ୍ତଙ୍କୁ ପୋଲିସ ଧରିପାରିନାହିଁ, କିମ୍ବା ଥାନାରେ ମାମଲା ସମ୍ପର୍କରେ ଜଣାପଡ଼ିନାହିଁ।

## ଛତ୍ରପୁରରେ ହେବ ବୃହତ୍ କୃଷକ ମେଳା

**ଛତ୍ରପୁର,୩୦।୧୨(ଡି.ଏନ.ଏ.)**

**୧ ଲକ୍ଷ ଚାଷୀ ଯୋଗଦେବା ସମ୍ଭାବନା**



ବୈଠକରେ ଜିଲାପାଳ ଏବଂ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

ଜାନୁୟାରୀ ଦ୍ୱିତୀୟ ସପ୍ତାହରେ ଛତ୍ରପୁରରେ ବୃହତ୍ କୃଷକ ମେଳା ଆୟୋଜନ କରାଯିବ। କୃଷକଙ୍କ ସମସ୍ୟା ଅନୁଧ୍ୟାନ କରିବା, ସେମାନଙ୍କୁ ଆଧୁନିକ କୃଷି ପ୍ରଣାଳୀ ସମ୍ପର୍କରେ ଅବଗତ କରାଇବା ଓ ସରକାରୀ ସହାୟତା ସେମାନଙ୍କର ହାତପାହାନ୍ତାରେ ଉପଲବ୍ଧ କରିବା ପାଇଁ ଏହି ମେଳାର ଆୟୋଜନ କରିବାକୁ ଗଞ୍ଜାମ ଜିଲା ପ୍ରଶାସନ ନିଷ୍ପତ୍ତି ନେଇଛନ୍ତି। ରବିବାର ଛତ୍ରପୁରସ୍ଥ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଏ ସମ୍ପର୍କରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଅଧ୍ୟକ୍ଷତା କରିଥିଲେ। ଛତ୍ରପୁର ପୋଲିସ ପଡିଆରେ ୨ ଦିନ ଧରି ଆୟୋଜିତ ହେବାକୁ ଥିବା ଏହି କୃଷକ ମେଳାରେ ପର୍ଯ୍ୟାୟକ୍ରମେ ପାଖାପାଖି ୧ ଲକ୍ଷ ଚାଷୀ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ଏଥିସହ ଚାଷୀମାନଙ୍କୁ ପ୍ରଶିକ୍ଷିତ କରାଇବା ପାଇଁ ପ୍ରବୀଣ ତଥା ଦକ୍ଷ କୃଷି ବିଶେଷଜ୍ଞଙ୍କୁ ଏଠାକୁ ଆମନ୍ତ୍ରିତ କରାଯିବ। ଯେଉଁମାନେ କୃଷିରେ ସଫଳ ହୋଇଛନ୍ତି, ସେମାନଙ୍କ ସଫଳତାର ରହସ୍ୟ ଚାଷୀଙ୍କ ଆଗରେ ଚାଷୀମାନେ ବଖାଣିବେ। ଷ୍ଟଲଗୁଡିକରେ ଆଧୁନିକ କୃଷି ଯନ୍ତ୍ରପାତି ପ୍ରଦର୍ଶିତ ହେବା ସହିତ ବୃହତ ଆକୃତିର କୃଷି ଉତ୍ପାଦିତ ଦ୍ରବ୍ୟ ପ୍ରଦର୍ଶିତ ହେବ। କୃଷକମାନଙ୍କ ପାଇଁ ରିହାତି ଦରରେ କୃଷି ଯନ୍ତ୍ରପାତି ବିକ୍ରୟ କରାଯିବ। ଏନେଇ ଚାଷୀ ଚିହ୍ନଟ କରିବାକୁ କୁହାଯାଇଛି। ଗଞ୍ଜାମ ଜିଲାରେ ବର୍ତ୍ତମାନ ସୁଦ୍ଧା ୧ ଲକ୍ଷ ୨୯ ହଜାର କୃଷକ ଉପକୃତ ହୋଇଥିବା ବେଳେ ଏହି ସଂଖ୍ୟା ୨ ଲକ୍ଷରୁ ଉର୍ଦ୍ଧ୍ୱ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଭାଗଚାଷୀଙ୍କ ପଞ୍ଜୀକରଣକୁ ଅଧିକ ଧ୍ୟାନ ଦିଆଯିବ। ଯେଉଁ ଜମି ମାଲିକମାନେ ଚାଷ କରୁନାହାନ୍ତି ଏବଂ ପଞ୍ଜୀକୃତ ହୋଇଛନ୍ତି, ସେମାନଙ୍କୁ ବାଦ୍ ଦେବାପାଇଁ ସର୍ବସାଧାରଣରୁ ସୂଚନା ସଂଗ୍ରହ କରାଯିବ। ପ୍ରାଥମିକ ସେବା ସମବାୟ ସମିତି ଗୁଡିକରେ ନାଲି ରଙ୍ଗର ବାକ୍ସ ରହିବ ଏବଂ ଏହି ସୂଚନା ସେଥିରେ ପକାଇବା ପାଇଁ ଅନୁରୋଧ କରାଯିବ। ଜିଲାର ପ୍ରତ୍ୟେକ ଅଞ୍ଚଳରୁ ଯେପରି ଚାଷୀ ଆସିପାରିବେ, ସେଥିପାଇଁ ବ୍ୟାପକ ପ୍ରଚାର ପ୍ରସାର କରିବାକୁ ସମବାୟ ସଂସ୍ଥା ଅଧିକାରୀ ଓ ବ୍ଲକ ଉନ୍ନୟନ ଅଧିକାରୀମାନଙ୍କୁ ଦାୟିତ୍ୱ ନ୍ୟସ୍ତ କରାଯାଇଛି। ଏହି ବୈଠକରେ ଡିଆରଡିଏ ପିଡି ଇଂ. ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଡୁଡା ପିଡି ସବ୍ୟସାଚୀ ହୋତା, ଛତ୍ରପୁର ଉପଜିଲାପାଳ ଦେବବ୍ରତ ସାହୁ, ଡିଡିଏ ମନୋଜ ବେହେରା, ଡିଆରଡିଏ ଏପିଡି ପ୍ରିୟରଞ୍ଜନ ପୃଷ୍ଟି, ଜିଲା ଯୋଗାଣ ଅଧିକାରୀ ବିଷ୍ଣୁ ପ୍ରସାଦ ସୂପକାର, ଗଞ୍ଜାମ ଆରଟିଓ ସଞ୍ଜୟ କୁମାର ବିଶ୍ୱାଳ, ଛତ୍ରପୁର ବିଡିଓ ସଚ୍ଚିଦାନନ୍ଦ ନାୟକ, ତହସିଲଦାର ନୀଳମାଧବ ଭୋଇ, ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ ଅବନୀ କୁମାର ଦାସଙ୍କ ସମେତ ଅନ୍ୟ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

## ମେଡିକାଲ ସୁରକ୍ଷା କର୍ମୀଙ୍କୁ ଆକ୍ରମଣ

**ଭଞ୍ଜନଗର,୩୦।୧୨(ଡି.ଏନ.ଏ.)**

ଭଞ୍ଜନଗର ଉପଖଣ୍ଡ ମେଡ଼ିକାଲରେ ଆଉଟସୋର୍ସିଂ ମାଧ୍ୟମରେ କାର୍ଯ୍ୟରତ ଥିବା କାଦୁଆପଲ୍ଲୀର ସୁରକ୍ଷାକର୍ମୀ ଅମୂଲ୍ୟ ସ୍ୱାଇଁଙ୍କୁ ଶନିବାର ରାତିରେ ଜଣେ ରୋଗୀଙ୍କ ସମ୍ପର୍କୀୟ ଆକ୍ରମଣ କରିଛନ୍ତି। ଏନେଇ ଅମୂଲ୍ୟ ରବିବାର ଥାନାରେ ଘଟଣା ସମ୍ପର୍କରେ ଅଭିଯୋଗ କରିଛନ୍ତି। ପୋଲିସ ଜଣଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି। ପ୍ରକାଶ ଯେ, ୨ମାସ ପୂର୍ବେ ମେଡ଼ିକାଲ ଅଞ୍ଚଳର ଜଣେ ମହିଳା ସ୍ୱାମୀଙ୍କ ସହ ସ୍ୱାସ୍ଥ୍ୟ ପରୀକ୍ଷା କରିବାକୁ ଆସିଥିଲେ। ଡ଼ାକ୍ତରଙ୍କୁ ଦେଖାଇବା ପାଇଁ ମହିଳା ଜଣଙ୍କ ଯାଉଥିବାବେଳେ କାର୍ଯ୍ୟରତ ସୁରକ୍ଷା କର୍ମୀଙ୍କ ସହ ତାଙ୍କ ସ୍ୱାମୀଙ୍କର କୌଣସି କାରଣରୁ ବଚସା ହୋଇଥିଲା। ଅନ୍ୟମାନଙ୍କ ହସ୍ତକ୍ଷେପ ପରେ ସେ ସମୟରେ ବିବାଦ ଥମିଯାଇଥିଲା। ଶନିବାର ରାତିରେ ଅଭିଯୁକ୍ତ ଜଣଙ୍କ ମେଡ଼ିକାଲକୁ କୌଣସି କାମରେ ଯାଇଥିବାବେଳେ ଉକ୍ତ ସୁରକ୍ଷାକର୍ମୀଙ୍କୁ ଆକ୍ରମଣ କରିଥିଲେ।

## ଦୁର୍ଘଟଣା ପରେ ଜଳିଗଲା ବାଇକ, ଜଣେ ମୃତ

**ବୁଗୁଡ଼ା,୩୦।୧୨(ଡି.ଏନ.ଏ.)**



ଜଳି ଯାଇଥିବା ବାଇକ।

ବୁଗୁଡ଼ା ନିକଟସ୍ଥ ବୁଦ୍ଧଖୋଲ ରାସ୍ତା ପିଲିତୋଟାଠାରେ ଶନିବାର ରାତି ପ୍ରାୟ ଗୋଟାଏରେ ଦୁର୍ଘଟଣା ପରେ ଏକ ବାଇକ ଜଳି ଯାଇଛି। ବାଇକରେ ଥିବା ୨ ଆରୋହୀଙ୍କ ମଧ୍ୟରୁ ଜଣଙ୍କର ମୃତ୍ୟୁ ଘଟିଛି। ସେ ହେଲେ ବୁଗୁଡ଼ା ଥାନା ଆଦିପୁର ଗ୍ରାମର ବିଷ୍ଣୁ ଚରଣ ବିଶ୍ୱାଳ (ଭୋଳା)। ଅନ୍ୟଜଣେ ନୀଳାଞ୍ଚଳ ମହାନ୍ତି (ନୀଳା)ମଧ୍ୟ ଆହତ ହୋଇଛନ୍ତି। ଦୁର୍ଘଟଣା ପରେ ବାଇକ୍‌ଟି ପୋଡି ପାଉଁଶ ହୋଇଯାଇଥିଲା। ପ୍ରକାଶ ଯେ, ଭୋଳା ଓ ନୀଳା ଶନିବାର ରାତିପ୍ରାୟ ଗୋଟାଏରେ ବୁଦ୍ଧଖୋଲରୁ ନିଜ ଗ୍ରାମକୁ ବାଇକରେ ଫେରୁଥିବାବେଳେ ପିଲିତୋଟାଠାରେ ବାଇକଟି ରାସ୍ତା କଡ଼କୁ ଖସି ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଫଳରେ ସେଠାରୁ ୨ଜଣଙ୍କୁ ଉଦ୍ଧାର କରି ଲୋକେ ବୁଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁଆଣିଥିଲେ। ପରେ ଭୋଳାଙ୍କୁ ଗୁରୁତର ଅବସ୍ଥାରେ ବ୍ରହ୍ମପୁର ମେଡିକାଲ ଓ ପରେ କଟକ ବଡ଼ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧିନ ଅବସ୍ଥାରେ ରବିବାର ତାଙ୍କର ମୃତ୍ୟୁ ଘଟିଛି। ପୋଲିସ ଦୁର୍ଘଟଣାସ୍ଥଳକୁ ଯାଇ ତଦନ୍ତ ଚଳାଇଛି।

## ୬ ଚାଷୀଙ୍କ ଧାନଗଦା ଜଳିଗଲା



ଦମକଳବାହିନୀ ନିଆଁ ଲିଭାଉଛନ୍ତି।

**ଦିଗପହଣ୍ଡି,୩୦।୧୨(ଡି.ଏନ.ଏ.)**

ଦିଗପହଣ୍ଡି ବ୍ଲକ ଡଲି ମହୁଲପଡ଼ା ଗାଁରେ ଶନିବାର ଅପରାହ୍ନରେ ଅଗ୍ନିକାଣ୍ଡ ଘଟି ୬ ଜଣ ଚାଷୀଙ୍କ ଲକ୍ଷାଧିକ ଟଙ୍କାର ଧାନଗଦା ଜଳିଯାଇଛି। ଦିଗପହଣ୍ଡି ଅଗ୍ନିଶମ ଅଧିକାରୀ ବିଜୟ କୁମାର ନାୟକ ସଦଳବଳେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ତତ୍କାଳ ପଦକ୍ଷେପ ଯୋଗୁ ଅନ୍ୟ ୮ ଜଣ ଚାଷୀଙ୍କ ଧାନଗଦା ସୁରକ୍ଷିତ ହୋଇଥିବା ଜଣାପଡ଼ିଛି। ନକୁଳ ମଲିକ, ପୂର୍ଣ୍ଣ ମଲିକ, ରାଜେନ୍ଦ୍ର ମଲିକ, ରଘୁନାଥ ମଲିକ, ନାଥ ମଲିକ ଓ ପ୍ରକାଶ ମଲିକଙ୍କ ଧାନଗଦା ଜଳିଯାଇଛି।






2-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar. Published at 11/2, Industrial Estate, Berhampur, Editor - Tathagata Satpathy, ସମ୍ପାଦକ–ତଥାଗତ ସତପଥୀ